# ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ-୨୦୨୩ ପାଳିତ ।

ଆଜି ପୂର୍ବାହ୍ନରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ-୨୦୨୩ ଉପଲକ୍ଷେ ଅନୁଗୋଳ ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୁଲ୍ୟରେ ଏକ ସଚେତନତା ଶୋଭାଯାତ୍ରା ଅନୁଗୋଳ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଶୈଳଶ୍ରୀକ୍ଷେତ୍ର ଠାରୁ ବାହାରି ସହର ପରିକ୍ରମା କରିଥିଲା । ଏଥିରେ ଜିଲ୍ଲା ଓ ଉପଖଣ୍ଡର ସମସ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ,ପ୍ରାଣୀଧନ ନିରୀକ୍ଷକ,ସହାୟକ ଏବଂ ସମସ୍ତ କର୍ମଚାରୀମାନେ ଯୋଗ ଦେଇଥିଲେ । ଏହାକୁ ମୁଖ୍ୟ ଜିଲ୍ଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଶ୍ରୀ ନିରୋଦ ଦାସ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ୯ ଘଟିକା ସମୟରେ ସ୍ଥାନୀୟ ପ୍ରଶାନ୍ତି ହୋଟେଲ ଠାରେ ଗୋପାଳକ, ପ୍ରାଣୀ ସମ୍ପଦ କୃଷି ସହିତ ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା, ପ୍ରାଣୀ ମିତ୍ରମାନଂକୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଲଳିତ ମୋହନ ବେହେରା ଜିଲ୍ଲା ଓ ଉପଖଣ୍ଡ ସ୍ତରରେ ପ୍ରାଣୀ ସମ୍ପଦ ବିଭାଗରେ କାର୍ଯ୍ୟରତ ସମସ୍ତ ଚିକିତ୍ସକଗଣ ଏବଂ ସହକାରୀ କର୍ମଚାରୀ ବୃନ୍ଦଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ସହ ମୁକ ପଶୁ ପକ୍ଷୀମାନଂକର ସେବାରେ ନିଜକୁ ନିୟୋଜିତ କରିଥିବାରୁ ସେମାନେ ଇଶ୍ୱର ସେବା କରୁଥିବା ଭଳି ମନେ ହେଉଛି ତେଣୁ ମୁଁ ସମସ୍ତଂକୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଅଛି । ଏହି ଉତ୍ସବରେ ଜିଲ୍ଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଶ୍ରୀ ପ୍ରତାପ କୁମାର ପଟ୍ଟନାୟକ ଅନୁଗୋଳ ଜିଲ୍ଲା ଦୁଗ୍ଧ, ଅଣ୍ଡା, ମାଛ ଓ ମାଂସ ଉତ୍ପାଦନ ଓ ବିତରଣ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଛି ବୋଲି ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ ଏବଂ ଆମ ଜିଲ୍ଲାକୁ ଆଗକୁ ନେବାକୁ ଯେଉଁ ସବୁ ସମସ୍ୟା ଅଛି ତାର ନିରାକରଣ ପାଇଁ ସମସ୍ତ ଚିକିତ୍ସକ ଓ କର୍ମଚାରୀମାନଂକୁ ସମାଧାନର ରାସ୍ତା ବତାଇଥିଲେ । ଏହି ଉତ୍ସବରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ପ୍ରମିଳ କୁମାର ସ୍ୱାଇଁ,ସମସ୍ତ

ଉପଖଣ୍ଡର ଚିକିତ୍ସାଅଧିକାରୀ ଏବଂ ଜିଲ୍ଲାର ସମସ୍ତ ଷ୍ଟେକ୍ ହୋଲଡର,ପ୍ରାଣୀ ମିତ୍ର ଓ ଅନ୍ୟାନ୍ୟ କର୍ମଚାରୀମାନେ ଯୋଗ ଦେଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶିକ୍ଷଣ ସଂଯୋଜକ ଶ୍ରୀ ଦିପ୍ତି ରଞ୍ଜନ ସ୍ୱାଇଁଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା । ଶେଷରେ ଉପ ନିର୍ଦ୍ଦେଶକ,ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ ଡ.କେଶବ ଚନ୍ଦ୍ର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଭିଡିଓ କନଫରେନ୍ସ ମାଧ୍ୟମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ଏକ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା ଯେଉଁଥିରେ ମୁଖ୍ୟ ଅତିଥି ଭାବେ କୃଷି ଓ କୃଷକ ସଶକ୍ତିକରଣ,ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓଡିଶାରେ କୃଷି ଓ କୃଷକର ଆର୍ଥିକ ମାନଦଣ୍ଡରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ଗୋ ଏବଂ ପ୍ରାଣୀ ସମ୍ପଦର ସୁରକ୍ଷା ସହ ଏହି କ୍ଷେତ୍ରରେ ନିୟୋଜିତ ସମସ୍ତ କର୍ମଜିବୀ ମାନଙ୍କର ଜୀବନ ଧାରଣର ମାନରେ ଉନ୍ନତି ଘଟିବା ସହ ବୈଜ୍ଞାନିକ ପଦ୍ଧତି ଓ ଉନ୍ନତ ବୈଷୟିକ ଜ୍ଞାନ ପ୍ରୟୋଗରେ ପଲଟ୍ରି ଫାର୍ମ କରି ପ୍ରଚୁର ମାତ୍ରାରେ କୁକୁଡା ମାଂସ,ଅଣ୍ଡା ଇତ୍ୟାଦି ପ୍ରୋଟିନ ଜାତୀୟ ଖାଦ୍ୟ ପ୍ରସ୍ତୁତ କରିବାରେ ସ୍ୱାବଲମ୍ବୀ ହୋଇପାରିଛୁ ବୋଲି କହିଥିଲେ । ରାଜ୍ୟ ସରକାର ଆଗାମୀ ଦିନରେ ଏହି କ୍ଷେତ୍ରକୁ ଅଧିକ ପ୍ରୋତ୍ସାହନ ଦେଇ ସୁଦୃଢ କରିବା ପାଇଁ ପ୍ରତିଶୃତିବଦ୍ଧ । ଏହି ଅବସରରେ ପ୍ରମୁଖ ଶାସନ ସଚିବ ଶ୍ରୀ ଏସ୍ କେ ବଶିଷ୍ଠ ଏବଂ ନିର୍ଦ୍ଦେଶକ ଡ.ୟେଦୁଲା ବିଜୟ୍ ନିଜ ନିଜର ଅଭିମତ ରଖିଥିଲେ । ଶେଷରେ ପ୍ରାଣୀ ସମ୍ପଦ କୃଷି କ୍ଷେତ୍ରରେ ଶ୍ରେଷ୍ଠ ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୩୧୮ ତା.୨୯.୪.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


ଅନୁଗୋଳ ଜିଲ୍ଲା
ବିଶ୍ୱ ପ୍ରାଣୀଚିକିତ୍ସା ଦିବସ - ୨୦୨୩
ପାଳନ
୨୯ ଏପ୍ରିଲ ୨୦୨୩
ପ୍ରସଙ୍ଗ
ପ୍ରାଣୀପାଳକଙ୍କ ରୂପାନ୍ତରିତ, ନିରପେକ୍ଷ ଓ
ସେବା
ମୁଖ୍ୟ ଅତିଥି
ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
user
AnyDesk
VLC media player
Computer
Google Chrome
Network
Mozilla Firefox
KMPlayer
Recycle Bin
Quick Heal Safe Banking
ManyCam
Control Panel


ଜିଲ୍ଲା


ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଓଡିଶା ସରକାର
ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ- ୨୦୨୩
ଅବସରରେ
ସଚେତନତା ଶୋଭାଯାତ୍ରା
ତାରିଖ- ୨୯.୦୪.୨୦୨୩
ସୌଜନ୍ୟ- ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଅନୁଗୋ


ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ
ଅନୁଗୋଳ
OFFICE OF THE CHIEF DISTRICT VETERINARY OFFICER,ANGUL
ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ- ୨୦୨୩
ସଚେତନତା ଶୋଭାଯାତ୍ରା


ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅନୁଗୋଳ
COLLECTORATE
ANGUL
ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଓଡ଼ିଶା ସରକାର
ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ- ୨୦୨୩
ଅବସରରେ
ସଚେତନତା ଶୋଭାଯାତ୍ରା
ତାରିଖ- ୨୯.୦୪.୨୦୨୩
ସୌଜନ୍ୟ- ପ୍ରାଣୀ ସମ୍ପଦ ବିକାଶ ବିଭାଗ, ଅନୁଗୋଳ